# "ବାପା ମା'ଙ୍କୁ ଛାଡ଼ି ଅଲଗା ରହିବା ପାଇଁ ଗ୍ରୁପ ସୃଷ୍ଟି କଲେ" !

ମୋର ନାମ ସନ୍ତୋଷ କୁମାର ସାହୁ (ଛଦ୍ମନାମ) । ଘର ବାଲିଅନ୍ତା ଥାନା ଅନ୍ତର୍ଗତ ଖୁର୍ଦ୍ଧା ଜିଲ୍ଲାରେ । ମୁଁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଡାକ୍ତରଖାନାରେ ଲାବୋରେଟାରି ଟେକ୍ନିସିଆନ୍ ଭାବରେ କାର୍ଯ୍ୟ କରେ । ବାପା ହେଉଛନ୍ତି ଅନୁଗୁଳରେ ଜଣେ ବନ କର୍ମଚାରୀ । ପରିବାର କହିଲେ ଦୁଇ ଭଉଣୀ, ବାପା ମା ଏବଂ ମୁଁ । ମୋର ବିବାହ ପାଇଁ ବହୁ ଜାଗାରୁ ପ୍ରସ୍ତାବ ଆସିଥିଲା । ହେଲେ ବାପାଙ୍କ ଇଛା ମୁତାବକ ଅନୁଗୁଳ କୋର୍ଟରେ କାର୍ଯ୍ୟରତ ଜୈନିକ ମହିଳାଙ୍କ ସହିତ ମୋର ବିବାହ ତା-୧୬-୦୬-୨୦୧୫ରିଖ ଦିନ ହିନ୍ଦୁ ବୈଦିକ ରିତିରେ ହୋଇଥିଲା । ରିତିମୁତାବକ ବିବାହର ୧୬ ମଙ୍ଗଳା ଦିନ ଝିଅ ଜ୍ୱାଇଁ ଶ୍ୱଶୁର ଘର ବୁଲିଯିବା କଥା । ମାତ୍ର ସେହି ଦିନ କୌଣସି ଏକ ଇସୁକୁ ନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଷ୍ଟ୍ରାଇକ୍ ଥିବା ହେତୁ ଗାଡ଼ି ମଟର ସବୁ ବନ୍ଦ୍ ଥିଲା । ଯାହା ଫଳରେ ମୁଁ ମୋର ସ୍ତ୍ରୀଙ୍କୁ କହିଲି, ଆମେ ଆସନ୍ତା କାଲି ଯିବା । ମାତ୍ର ନୂଆ ବୋହୁ ହୋଇ ମଧ ସେ ହଠାତ୍ ଉତ୍କ୍ଷିପ୍ତ ହୋଇଉଠି ମତେ ଆଜି ନିହାତି ଯିବା ଦରକାର ବୋଲି ଜିଦ୍ ଧରି ବସିଲେ । ଏହା ପରେ ବାପା ଘରର ଏଭଳି ଅଶାନ୍ତ ବାତାବରଣ ଦେଖି ମୋର ଶ୍ୱଶୁରଙ୍କୁ ଫୋନ୍ କରି ଅସୁବିଧା ସମ୍ପର୍କରେ ଜଣାଇଲେ । ଷ୍ଟ୍ରାଇକ୍ କଥା ଜାଣିବା ପରେ ଶ୍ୱଶୁର କହିଲେ, କିଛି କଥା ନାହିଁ ଆସନ୍ତା କାଲି ଆପଣମାନେ ଆସିବେ । ମାତ୍ର ମୋର ସ୍ତ୍ରୀ କୌଣସି କଥାକୁ ଭ୍ରୂକ୍ଷେପ ନକରି ଘରେ ନାନାଦି ଅଶ୍ଲିଳ ଭାଷାରେ ଗାଳିଗୁଲଜ୍ କରିବା ସହିତ ଫୋପଡ଼ାଫିଙ୍ଗା ମଧ ଆରମ୍ଭ କରିଦେଲେ । ଏହା ଦେଖି ବାପା ମୋ ଶ୍ୱଶୁରଙ୍କୁ ଫୋନ୍ କରି ଜଣାଇଲେ । ଶ୍ୱଶୁର ସ୍ତ୍ରୀଙ୍କୁ ପାଟି କରିବାରୁ ସେ ଟିକେ ଚୁପ୍ ରହିଲା । ଏହାପରେ ମାମଲା କିଛିଟା ଥଣ୍ଡା ପଡ଼ିଗଲା । ତା ପରଦିନ ଆମେ ଯାଇ ଶ୍ୱଶୁର ଘର ବୁଲିଆସିଲୁ । ସେହିଦିନଠାରୁ ଛୋଟ ଛୋଟ କଥାରେ ଘରେ ପାଟିତୁଣ୍ଡ ଆରମ୍ଭ ହୋଇଗଲା । ଏପରିକି ସ୍ତ୍ରୀ ଘରେ ରୋଷେଇବାସ ନକରିବା, ଚୁପ୍‌ଚାପ୍ ବସିରହିବା । ଛୋଟ ମୋଟ କଥାରେ ସମସ୍ତଙ୍କୁ ବାନ୍ଧି ଜେଲ୍‌ରେ ପୁରାଇ ଦେବେ ବୋଲି ଧମକ ଚମକ ଦେବା ଆରମ୍ଭ କରିଦେଲେ । ମୋତେ ଜବରଦସ୍ତ ଘରୁ "ବାପା ମା'ଙ୍କୁ ଛାଡ଼ି ଅଲଗା ରହିବା ପାଇଁ ଗ୍ରୁପ ସୃଷ୍ଟି କଲେ" । ଏକଥା ଶ୍ୱଶୁରଙ୍କୁ ଜଣାଇବାରୁ ଶ୍ୱଶୁର ସ୍ତ୍ରୀଙ୍କୁ ବୁଝାଇବା ପାଇଁ ବହୁ ଚେଷ୍ଟା କରି ବିଫଳ ହେଲେ । ବର୍ତ୍ତମାନ ସ୍ତ୍ରୀ ଆମ ଘରେ ରହୁନାହିଁ କିମ୍ୱା ଘଟଣାର କୌଣସି ସମାଧାନ କରୁନାହିଁ ଏବଂ ପ୍ରତି ମୁହୂର୍ତ୍ତରେ ଧମକଚମକ ଦେଉଛି । ବାପା ସରକାରୀ ଚାକିରୀଆ ହୋଇ ଥିବାରୁ ସମ୍ପୂର୍ଣ୍ଣ ଡରି ଯାଇଛନ୍ତି । ଏପରିକି ସେ ଜଣେ ନ୍ୟାୟାଳୟରେ କର୍ମଚାରୀ ହୋଇଥିବାରୁ କୌଣସି ଆଇନ୍‌ଜୀବୀ ମୋତେ ସାହାଯ୍ୟ କରିବା ପାଇଁ ଅନିଛା ପ୍ରକାଶ କରୁଛନ୍ତି । ଏଭଳି ପରସ୍ଥିତିରେ ମୁଁ ରାଜ୍ୟ ମହିଳା କମିଶନ, ମହିଳା ଥାନା, ଏପରିକି ବହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖା କଲେ ମଧ କେହି ମୋତେ ସାହାଯ୍ୟ କରିପାରିବେ ନାହିଁ ବୋଲି ମତ ଦେଉଛନ୍ତି । ଗୋଟିଏ ପଟେ ସ୍ତ୍ରୀର ଗ୍ରୁପ, ଅନ୍ୟ ପଟରେ ପରିବାରର ହତୋତ୍ସାହ ଦେଖି ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲିଣି............


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।